# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 19 June – 2025

********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ବିଜେପି ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆସନ୍ତାକାଲି ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ
- ରାଜ୍ୟରେ ଝାଡ଼ାବାନ୍ତି ସ୍ଥିତି ସମୀକ୍ଷା ପାଇଁ ତିନୋଟି ଜିଲ୍ଲାକୁ ଗସ୍ତରେ ଗଲେ ରାଜ୍ୟସ୍ତରୀୟ ଟିମ୍

– ପରିସ୍ଥିତିର ଅନୁଧ୍ୟାନ କରି ପ୍ରଭାବିତ ତିନୋଟି ଜିଲ୍ଲାରେ ସ୍କୁଲ ଖୋଲିବା ନେଇ ନିଷ୍ପତ୍ତି ନେବେ ଜିଲ୍ଲାପାଳ

- ରକ୍ତହୀନତା ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ରକ୍ତଶିକୁଳି ଦିବସ

ଏବଂ

- ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟାରେ ପ୍ରବଳ ବର୍ଷା ନେଇ ୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

***BBSR/R***

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ରାଜ୍ୟରେ ବିଜେପି ସରକାରଙ୍କ ଏକବର୍ଷ ପାଳନ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି । ଶୁଣନ୍ତୁ ଏ ସମ୍ପର୍କିତ ଏକ ରିପୋର୍ଟ...

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଆଜି ଭୁବନେଶ୍ୱର ଜନତା ମଇଦାନରେ ସମସ୍ତ ପ୍ରସ୍ତୁତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରିଷ୍ଠ ଅଧିକାରୀଙ୍କ ସହ ତଦାରଖ କରିଛନ୍ତି। ଜାରି ରହିଥିବା ସମସ୍ତ କାର୍ଯ୍ୟ ସନ୍ଧ୍ୟା ସୁଦ୍ଧା ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସର୍ମ୍ପକରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି...

**- V/O -**

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଗସ୍ତ ଅବସରରେ ରାଜ୍ୟର ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ହିତାଧିକାରୀଙ୍କୁ ବୟୋବନ୍ଦନା ଯୋଜନାରେ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରିବେ। ଏହାସହ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ୨୦୩୬ ରୋଡ୍‌ମ୍ୟାପ୍ ଘୋଷଣା କରାଯିବ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି । ଶ୍ରୀ ସାମଲ କହିଛନ୍ତି, ଏହି ଗସ୍ତ ଅବସରରେ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ତ୍ରିରଙ୍ଗା ଯାତ୍ରାରେ ପ୍ରଧାନମନ୍ତ୍ରୀ ଯୋଗଦେବେ। ପ୍ରଧାନମନ୍ତ୍ରୀ ଜନତା

ମଇଦାନଠାରେ ଏକ ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ବୋଲି ଶ୍ରୀ ସାମଲ ସୂଚନା ଦେଇଛନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

***Desk***

# ଝାଡ଼ାବାନ୍ତି ସମୀକ୍ଷା

ରାଜ୍ୟରେ ଝାଡ଼ାବାନ୍ତି ସ୍ଥିତି ସମୀକ୍ଷା କରିବା ପାଇଁ ଏକ ରାଜ୍ୟସ୍ତରୀୟ ଟିମ୍ ତିନୋଟି ଜିଲ୍ଲା ଗସ୍ତରେ ଯାଇଛନ୍ତି। ଏହି ଜିଲ୍ଲାଗୁଡ଼ିକ ହେଉଛି ଯାଜପୁର, କଟକ ଏବଂ ଭଦ୍ରକ। ପ୍ରଭାବିତ ଅଞ୍ଚଳକୁ ଗସ୍ତ କରିଥିବା କେନ୍ଦ୍ରୀୟ ଦଳ ଗତକାଲି ରାଜ୍ୟ ସରକାରଙ୍କ ସହ ତୃଣମୂଳସ୍ତରରେ ସଂକ୍ରମଣର ସ୍ଥିତି ନେଇ ଆଲୋଚନା କରିଛନ୍ତି। ଦୂଷିତ ପାଣି ଏବଂ ଅପମିଶ୍ରିତ ଖାଦ୍ୟ ଯୋଗୁଁ ଝାଡ଼ାବାନ୍ତି ରୋଗ ହୋଇଥିବା କେନ୍ଦ୍ରୀୟ ଦଳ ସୂଚନା ଦେଇଛନ୍ତି। ସଂକ୍ରମଣ ନିୟନ୍ତ୍ରଣ ପାଇଁ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ଏହି ଦଳ ରାଜ୍ୟ ସରକାରଙ୍କୁ ପରାମର୍ଶ ପ୍ରଦାନ କରିଛନ୍ତି। ଜଳ ବିଶୋଧନ ଏବଂ ଫୁଟାପାଣି ପିଇବା ଉପରେ କେନ୍ଦ୍ରୀୟ ଦଳ ଗୁରୁତ୍ୱ ପ୍ରଦାନ କରିଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ରାଜ୍ୟରେ ଝାଡ଼ାବାନ୍ତି ସ୍ଥିତି ନେଇ ଗତକାଲି ସମୀକ୍ଷା କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ବୈଠକରେ ଶ୍ରୀ ଆହୁଜା

ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ବିଭାଗ ଗୁଡ଼ିକ କ୍ଷେତ୍ରସ୍ତରରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ।

***HS***

## ଗଣଶିକ୍ଷା ମନ୍ତ୍ରୀ- ସ୍କୁଲ

ଝାଡ଼ାବାନ୍ତି ପ୍ରଭାବିତ ତିନୋଟି ପରିସ୍ଥିତି ଅନୁଧ୍ୟାନ କରିବା ପରେ ସ୍କୁଲ ଖୋଲିବା ନେଇ ଜିଲ୍ଲାପାଳ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ବିଶୋଧିତ ଜଳ କିମ୍ବା ଆବଶ୍ୟକସ୍ଥଳେ ଫୁଟାପାଣି ପିଲାଙ୍କୁ ପିଇବାକୁ ଦେବା ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ମନ୍ତ୍ରୀ ଶ୍ରୀ ଗଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ମଧ୍ୟାହ୍ନ ଭୋଜନରେ ଗରମ ଖାଦ୍ୟ ସହ ପିଲାଙ୍କୁ ଫୁଟାପାଣି ପ୍ରଦାନ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ସ୍କୁଲ ପରିବେଶ ଏବଂ ପାଣିଟାଙ୍କି ସଫା ରଖିବା ଉପରେ ମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି। ବିଦ୍ୟାଳୟ ପରିସର ବାହାରେ ରାସ୍ତାକଡ଼ ଖାଦ୍ୟ ଦୋକାନଗୁଡ଼ିକୁ ବନ୍ଦ ରଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଝାଡ଼ାବାନ୍ତି ରୋଗରେ ଅଭିଭାବକଙ୍କୁ ସଚେତନ କରିବା ପାଇଁ ମନ୍ତ୍ରୀ ଶ୍ରୀ ଗଣ୍ଡ ଗୁରୁତ୍ୱ ଦେଇଛନ୍ତି।

ଯାଜପୁର ଜିଲ୍ଲାରେ ସମସ୍ତ ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲାପାଳ ଛୁଟି ଘୋଷଣା କରିଛନ୍ତି।

***Desk***

## ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ

ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ– **ପି.ଏମ୍.ଇ.ଜି.ପି.** ଅଧୀନରେ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ– **କେ.ଭି.ଆଇ.ସି.** ଦେଶର ୧୧ ହଜାର ୪୮୦ ସେବା କ୍ଷେତ୍ର ହିତାଧିକାରୀଙ୍କୁ ୩୦୦ କୋଟି ଟଙ୍କାରୁ ଅଧିକ ନିବେଶ ସହାୟତା ରାଶି ପ୍ରଦାନ କରାଯାଇଛି ।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ଏସମ୍ପର୍କିତ ପ୍ରସ୍ତୁତ ଏକ ରିପୋର୍ଟ

ନୂଆଦିଲ୍ଲୀର ରାଜଘାଟ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେ.ଭି.ଆଇ.ସି.ର ଅଧ୍ୟକ୍ଷ ମନୋଜ କୁମାର ଆଭାସୀ ମାଧ୍ୟମରେ ହିତାଧିକାରୀଙ୍କୁ ୩୦୦ କୋଟି ଟଙ୍କାରୁ ଅଧିକ ସହାୟତା ରାଶି ପ୍ରଦାନ କରିଥିଲେ । ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ ପ୍ରତ୍ୟେକ ଗ୍ରାମକୁ ଆର୍ଥିକ ସ୍ତରରେ ମଜଭୁତ କରିଛି ବୋଲି କେ.ଭି.ଆଇ.ସି.ର ଅଧ୍ୟକ୍ଷ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆତ୍ମନିର୍ଭରଶୀଳ ଏବଂ ବିକଶିତ ଭାରତର ଦୃଷ୍ଟିକୋଣକୁ ସ୍ୱୀକୃତି ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ମୋଟ୍ ୧୦ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଉଦ୍ୟୋଗ ସ୍ଥାପନ କରାଯାଇଛି । କେନ୍ଦ୍ର ସରକାର ୭୩ ହଜାର ୩୪୮ କୋଟି ଟଙ୍କାର ଋଣ ମଞ୍ଜୁର କରିଛନ୍ତି । ଯାହାଦ୍ୱାରା ଦେଶରେ ୯୦ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇଥିବା ଆୟୋଗ ପକ୍ଷରୁ କୁହାଯାଇଛି ।

ନୀନା ସାହୁ, ଆକାଶବାଣୀ ସମ୍ବାଦ ବିଭାଗ

# ସିକିଲ୍ ସେଲ୍ ଦିବସ

ରକ୍ତହୀନତା ରୋଗର କାରଣ ଓ ନିରାକରଣ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ସିକିଲ୍ ସେଲ୍ ବା ରକ୍ତଶିକୁଳୀ ଦିବସ ପାଳନ କରାଯାଉଛି । ଚଳିତବର୍ଷ ବିଶ୍ୱସ୍ତରୀୟ ଉଦ୍ୟମ; ଏହାର ସ୍ଥାନୀୟ ପ୍ରଭାବ ଏବଂ ସମାଜକୁ ଏ ନେଇ ଅଧିକାର ଦେବା ଶୀର୍ଷକ ନେଇ ଏହି ଦିବସ ପାଳନ କରାଯାଉଛି । ସୂଚନା ଅନୁସାରେ ସିକିଲ୍ ସେଲ୍ ଏକ ଗୁଣସୂତ୍ର ଜନିତ ରୋଗ । ରକ୍ତଶିକୁଳୀ ସମ୍ପର୍କରେ ଆଜି ରାଜ୍ୟ ବିଭିନ୍ନ ସ୍ଥାନରେ ସଚେତନତା ମୂଳକ କାର୍ଯ୍ୟକ୍ରମାନ ଆୟୋଜନ କରାଯାଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରକ୍ତଶିକୁଳୀ ରୋଗ ନିରାକରଣରେ ଓଡ଼ିଶା ଏକ ନୂତନ ଉଦାହରଣ ସୃଷ୍ଟି କରିଛି ବୋଲି ସାମାଜିକ ଗଣମାଧମରେ କହିଛନ୍ତି । ଗୋଟିଏ ନମୂନାରେ ରକ୍ତଶିକୁଳୀ ଓ ଥାଲାସେମିଆ ଦୁଇଟି ରୋଗର ଚିହ୍ନଟ କରିବାରେ ଓଡ଼ିଶା ଦେଶର ଏକମାତ୍ର ରାଜ୍ୟ । ବିଶ୍ୱ ସିକିଲ ସେଲ୍ ଦିବସରେ ଏକ ସୁସ୍ଥ, ସଶକ୍ତ ଓ ସମୃଦ୍ଧ ଓଡ଼ିଶା ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରକ୍ତଶିକୁଳୀ ରୋଗ ନିରାକରଣ ସମ୍ପର୍କରେ ସଚେତନତାକୁ ବ୍ୟାପକ କରିବାକୁ ପରାମର୍ଶ ଦେଇଛନ୍ତ । ଏହା

ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୨୦୪୭ ମସିହା ସୁଦ୍ଧା ସିକିଲ ସେଲ୍‌ମୁକ୍ତ ଭାରତ ଗଠନରେ ସହଭାଗୀ ହେବା ପାଇଁ କହିଛନ୍ତି ।

***Sonepur***

## ସୁବର୍ଣ୍ଣପୁର- ରକ୍ତଶିକୁଳି

ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରକ୍ତଶିକୁଳି ରୋଗକୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ପ୍ରଦୀପ ଗୁରୁ ଯୋଗଦେଇ ରକ୍ତଶିକୁଳି ରୋଗ ସମ୍ପର୍କରେ ଆଲୋଚନା କରିଥିଲେ ।

***Desk***

## ରଥଯାତ୍ରା

ଶୃଙ୍ଖଳିତ ରଥଯାତ୍ରା ପରିଚାଳନା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଆଜି ପୁରୀରେ ଏକ ଉଚ୍ଚସ୍ତରୀୟ କମିଟି ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି । ଏହି କମିଟି ଶ୍ରୀମନ୍ଦିର, ବଡ଼ଦାଣ୍ଡ ଓ ରଥଖଳା ପରିଦର୍ଶନ କରିଛନ୍ତି । ଆଗାମୀ ରଥଯାତ୍ରା ପାଇଁ ତିନିରଥର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି । ତିନିରଥର ବେଦୀ ସିଂହାସନ ପ୍ରସ୍ତୁତି ପାଇଁ ମହାରଣା ସେବକ ଓ ଭୋଇ ସେବକମାନଙ୍କ ସହାୟତାରେ ସମୟାନୁଯାୟୀ ପ୍ରସ୍ତୁତି କାର୍ଯ୍ୟ ଚାଲିଛି । ଅନ୍ୟପକ୍ଷେ ରୂପକାରସେବକମାନେ ଅଳଙ୍କାର ପକ୍କା କାର୍ଯ୍ୟକୁ ଶେଷ ପର୍ଯ୍ୟାୟରେ ପହଁଞ୍ଚାଇଛନ୍ତି । ଏଥିସହ ତିନିରଥରେ ଲାଗି ଥିବା ପଟ୍ଟାଗୁଜଗୁଡ଼ିକକରେ ନର, ଗଜ ଓ ସିଂହ ବିରଳ ରୂପ ଖୋଦେଇ ଜାରି ରହିଛି ।

*Ganjam/Balangir*

## ସଚେତନତା ରଥ

ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠୀ ଶୁଭାରମ୍ଭ କରିଛନ୍ତି । ଶିଶୁମାନଙ୍କୁ ପ୍ରାଥମିକ ଶିକ୍ଷା ବାଧ୍ୟତାମୂଳକ କରିବା ସହ ଶିଶୁ ଶ୍ରମିକ ପ୍ରଥା ବନ୍ଦ କରିବାକୁ ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ଶ୍ରୀ ସେଠୀ କହିଛନ୍ତି । ଏହି ସଚେତନତା ରଥ ସହର ପରିକ୍ରମା କରିଥିଲା । ଏଥିରେ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ।

ଗଞ୍ଜାମ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ପ୍ରମୋଦ କୁମାର ପୃଷ୍ଟି ଯୋଗଦେଇ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ଓ ନିୟନ୍ତ୍ରଣ ସମ୍ପର୍କିତ ବିଭିନ୍ନ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ ।

***BHK***

## ବିକାଶ ମେଳା

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ନେହରୁ ଷ୍ଟାଡିୟମ୍‌ରେ ଚାଲିଥିବା ବିକାଶ ମେଳା ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ

ଜନକଲ୍ୟାଣ ଯୋଜନା ଅଗ୍ରଗତି ସମ୍ପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଇଥିଲେ ।

***Boudh***

## ଖାଦ୍ୟ ମେଳା

ବୌଦ୍ଧ ଜିଲ୍ଲା କଚେରୀ ପଡ଼ିଆଠାରେ ବିକାଶମେଳା ତଥା ପାରମ୍ପରିକ ଖାଦ୍ୟ ମେଳା ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଯୋଜନା ସମ୍ପର୍କରେ ଆଲୋଚନା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

***DHNKL***

## ବିକଶିତ ଓଡ଼ିଶା

ଢେଙ୍କାନାଳ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିକଶିତ ଓଡ଼ିଶା ପାଇଁ ଭିଜନ-୨୦୩୬ ଏବଂ ୨୦୪୭କୁ ଦୃଷ୍ଟିରେ ରଖି ଏକ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଆଗାମୀ ୫ ବର୍ଷ ମଧ୍ୟରେ ଜଳସମ୍ପଦ, ବିଦ୍ୟୁତ ଶକ୍ତି ଯୋଗାଣ, ଯୋଗଯୋଗ ଓ ପରିବହନ, ପର୍ଯ୍ୟଟନ ଏବଂ କୃଷି ଉଦ୍ୟୋଗ କ୍ଷେତ୍ରରେ ଶ୍ରେଷ୍ଠ ଜିଲ୍ଲା ଭାବେ ପରିଗଣିତ କରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ କହିଛନ୍ତି ।

*Khurda*

## ଯୋଗ କର୍ମଶାଳା

ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ ଯୋଗ କର୍ମଶାଳା ଆୟୋଜିତ ହୋଇଯାଇଛି। ଆସନ୍ତା ଆନ୍ତର୍ଜାତିକ ଯୋଗ ଦିବସକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ରୋଡ୍, କଟକ, ବ୍ରହ୍ମପୁର, ପଲାସା, ଅନୁଗୁଳ ଓ କେନ୍ଦୁଝରଗଡ଼ରେ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା।

*Ganjam*

## ତାଳଚାରା ରୋପଣ

ଗଞ୍ଜାମ ଜିଲ୍ଲା ଉତ୍ତର ଓ ଦକ୍ଷିଣ ଘୁମୁସୁର ବନଖଣ୍ଡର ସଂରକ୍ଷିତ ଜଙ୍ଗଲ ସୀମାରେ ଚଳିତ ବର୍ଷ ଅତିରିକ୍ତ ଦେଢ଼ ଲକ୍ଷ ତାଳ ଚାରାରୋପଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ବଜ୍ରାଘାତ ଦ୍ୱାରା ଜୀବନହାନୀକୁ ରୋକିବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଏହି ଚାରାରୋପଣ ପାଇଁ ଉନ୍ନତମାନର ତାଳମଞ୍ଜି ସଂଗ୍ରହ କରାଯାଉଛି ବୋଲି ଉତ୍ତମ ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ସୂଚନା ଦେଇଛନ୍ତି। ଗତବର୍ଷ ଏହି ଜଙ୍ଗଲ ସୀମାରେ ୧ଲକ୍ଷ ୩୧ ହଜାର ତାଳ ଚାରାରୋପଣ କରାଯାଇଥିଲା।

*Ganjam*

## ପ୍ରଶିକ୍ଷଣ ଶିବିର

ଗଞ୍ଜାମ ଜିଲ୍ଲାର ପାରଳା ମହାରାଜା ଇଞ୍ଜିନିୟରିଂ କଲେଜଠାରେ ନାଭାଲ ୟୁନିଟ୍ ଏନ୍.ସି.ସି. ଏବଂ ମେଡିକାଲ କମ୍ପାନୀ ଏନ୍.ସି.ସି.ର ମିଳିତ ବାର୍ଷିକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଏକ (ଓଡ଼ିଶା) ନାଭାଲ ୟୁନିଟ୍ ଏନ୍‌ସିସିର କମାଣ୍ଡର ଏନ୍.ଭି.ପି. ସ୍ୱାମୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କ୍ୟାମ୍ପରେ ୬ଟି ମହାବିଦ୍ୟାଳୟ ୧୪ଟି ବିଦ୍ୟାଳୟର ୬୦୦ କ୍ୟାଡେଟ୍ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଆସନ୍ତା ଶନିବାର ଦିନ ଦ୍ୱିତୀୟ ମିଳିତ ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ।

***Desk***

## ପାଣିପାଗ

ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗତ ୨୪ ଘଣ୍ଟାରେ ମୟୂରଭଞ୍ଜ ଜିଲ୍ଲା ତିରିଙ୍ଗ ଅଞ୍ଚଳରେ ସର୍ବାଧିକ ୧୭୮ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ନେଇ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

********************************